ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/STSC Dev (OD)/133/27-04-2021

# କରୋନାର ସଂକ୍ରମଣ ଦୃଷ୍ଟିରୁ ଜନଜାତି ସଂଗ୍ରହାଳୟ ବନ୍ଦ

ଭୁବନେଶ୍ୱର, ତା.୨୭/୦୪/୨୦୨୧

ଦେଶରେ କରୋନାର ଦ୍ୱିତୀୟ ସଂକ୍ରମଣ ଭୟଙ୍କର ରୂପ ନେଇଛି । ଏହି ପରିପ୍ରେକ୍ଷୀରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ଏସ୍‌ସିଏସ୍‌ଟିଆର୍‌ଟିଆଇ ପରିସରରେ ଥିବା ଜନଜାତି ସଂଗ୍ରହାଳୟକୁ ଅପ୍ରେଲ ୨୬ ତାରିଖଠାରୁ ପର୍ଯ୍ୟଟକମାନଙ୍କ ନିମନ୍ତେ ବନ୍ଦ କରାଯାଇଛି । ତେବେ ଭର୍ଚୁଆଲ୍ ମୋଡ୍‌ରେ ଜନଜାତି ସଂଗ୍ରହାଳୟ ପରିଦର୍ଶନ କରାଯାଇପାରିବ । ଆସନ୍ତା ରବିବାରଠାରୁ ଦର୍ଶକ ଓ ପର୍ଯ୍ୟଟକମାନେ ଭର୍ଚୁଆଲ୍ ମୋଡ୍‌ରେ ଜନଜାତି ସଂଗ୍ରହାଳୟକୁ ବୁଲି ଦେଖିବାର ସୁଯୋଗ ପାଇବେ ଏବଂ ବିଭିନ୍ନ ଜନଜାତି ବର୍ଗଙ୍କ ଜୀବନଶୈଳୀ ଓ ସଂସ୍କୃତି ସଂପର୍କରେ ଅବଗତ ହୋଇପାରିବେ । www.ostm.in ମାଧ୍ୟମରେ ମଧ୍ୟ ଘରେ ବସି ପ୍ରତିଦିନ ଜନଜାତି ସଂଗ୍ରହାଳୟ ସଂପର୍କରେ ତଥ୍ୟ ଜାଣିହେବ ବୋଲି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି ।

ଡକ୍ଟର ଜ୍ୟୋତିର୍ମତୀ ସାମନ୍ତରାୟ
ସୂଚନା ଅଧିକାରୀ